# Akashvani, Sambalpur

## SAMBALPURI NEWS EVENING BULLETIN

## 18 April 2025- 7.02 pm- 7.12 pm.

*********************************************

୧- ରାଏଜେ ଯୋଗ୍ୟ ହିତାଧିକାରୀମାନ୍‌କୁ ଖୋବ୍ ଜଲ୍‌ଦି ବଂଟାଯିବା ନୂଆଁ ରାସନକାର୍ଡ

୨- ଓଡିଶା-ସାହିତ୍ୟ, ସଂସ୍କୃତି ଆଉ ଆଧ୍ୟାତ୍ମିକତାର ମୂଳକେନ୍ଦ୍ର କହେଲେ ରାଜ୍ୟପାଲ

୩- ୟୁନେସ୍‌କୋ ମେମୋରି ଅଫ୍ ଦ ଓ୍ୱାଲର୍ଡ ରେଜିଷ୍ଟର ଥି ଠାନ୍ ପାଏଲା ଶ୍ରୀମଦ୍ ଭଗବତ ଗୀତା ଆଉ ନାଟ୍ୟଶାସ୍ତ୍ର

ଆଉର୍

୪- ପ୍ରଭୁ ଯୀଶୁଙ୍କର ବଲିଦାନକେ ସୁର୍‌ତା କରିକରି ପାଲନ କରାଯାଉଛେ ଗୁଡ୍‌ଫ୍ରାଇଡେ

ଜଲ୍‌ଦି ବଂଟାଯିବା ରାସନକାର୍ଡ ଭୁବନେଶ୍ୱର ସମ୍ବାଦଦାତା

ରାଏଜେ ଖୋବ୍ ଯଲ୍ଦି ଯୋଗ୍ୟ ହିତାଧିକାରୀ ମାନ୍କୁ ରାସନ୍ କାର୍ଡ ବଂଟାଯିବା ବଲି ଖାଦ୍ୟ ଯୋଗାଣ ବିଭାଗ ତରଫୁ ସୂଚନା ଦିଆଯାଇଛେ । ଆଏବା ୨୨ ତାରିଖ୍ ତକ୍ ରାସନ୍କାର୍ଡ ଛାପିକରି ସବୁ ଆନୁସଙ୍ଗିକ ପ୍ରକ୍ରିୟା ସାରବାର କେ ବିଭାଗ ତରଫୁ ଜିଲ୍ଲାପାଲ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛେ । ନିର୍ଦ୍ଦେଶ ଅନ୍ସାରେ ସବୁ କାମ୍ ସର୍ଲା ଉତାରୁ ବିଭାଗ ତର୍ଫୁ ଜିଲ୍ଲାପାଲ ମାନ୍କୁ କାର୍ଡ ବାଁଟ୍ବାର୍ ତାରିଖ୍ ଜନେଇ ଦିଆଯିବା । ସୂଚ୍ନା ଅନ୍ସାରେ ରାସନ୍କାର୍ଡ ପାଏବାର୍ ଲାଗି ପାଖାପାଖି ୭ ଲାଖ ଆବେଦନ୍କାରୀ ରହିଛନ୍ । ଅଯୋଗ୍ୟ ହୀତାଧିକାରୀ ଚିହ୍ନଟ୍ ଲାଗି ସାରା ରାଏଜେ ଇ କେଓ୍ୱାଇସି ପ୍ରକ୍ରିୟା ଚାଲିଥିବାର୍ନୁ ନୂଆଁ ରାସନ୍କାର୍ଡ ଡେରି ହେଉଛେ ବଲି ବିଭାଗ ତର୍ଫୁ କୁହାଯାଇଛେ ।

ଲିଟ୍ରାରି ଫେଷ୍ଟିଭେଲ  ପୁରୀ ସମ୍ବାଦଦାତା

ଓଡିଶା-ଭାଷା, ସାହିତ୍ୟ ଆଉ ସଂସ୍କୃତିର୍ ମୂଳ କେନ୍ଦ୍ର ବଲି ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ । ପୁରୀନ ହେଇଥିବାର ୩ ଦିନିଆ ଲିଟ୍ରାରି ଫେଷ୍ଟିଭାଲକେ ଆଏଜ୍ ଉଦ୍ଘାଟନ୍ କରିକରି ରାଜ୍ୟପାଳ ଡକ୍ଟର କମ୍ଭମ୍ପାଟି କହିଛନ୍ ଶ୍ରୀ ଜଗନ୍ନାଥ ସଂସ୍କୃତି ମହାନ୍ । ଓଡିଶାର୍ ପରମ୍ପରା, ଐତିହ୍ୟ ବାବ୍ଦେ ଭାରତ୍ ସହେତେ ଅନ୍ତର୍ଜାତୀୟ

ସ୍ତରର ଲେଖକ୍ ଲେଖିକା ମାନେ ଜାନ୍‌ବାର ଜରୁରୀ ଆଏ ବଲି ରାଜ୍ୟପାଳ କହିଛନ୍ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ଓଡିଶା ସରକାର ଆଉ ନେସ୍‌ନାଲ ବୁକ୍‌ଟ୍ରଷ୍ଟ ତର୍‌ଫୁ ଇ ବଛର୍ ପହେଲା କରି ପୁରୀନ ଲିଟ୍‌ରାରି ଫେଷ୍ଟିଭେଲ ଆୟୋଜନ କରାଯାଇଛେ ।

ଭଗ୍‌ବତ୍ ଗୀତା ଆଉ ଟାନ୍ୟଶାସ୍ତ୍ର କେ ୟୁନେସ୍‌କୋ ମାଏନ୍‌ତା

କଟକ

ଡେକ୍ସ

ଶ୍ରୀମଦ୍ ଭଗ୍‌ବତ୍ ଗୀତା ଆଉ ଭରତ ମୁନୀଙ୍କ ନାଟ୍ୟଶାସ୍ତ୍ର ୟୁନେସ୍‌କୋ ମେମୋରି ଅଫ୍‌ଦ ଓ୍ୱାଲର୍ଡ ରେଜିଷ୍ଟ୍ରରଥି ଠାନ୍ ପାଇଛେ । ସାମାଜିକ ଗଣମାଧ୍ୟମ ଜରିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇ ଅନ୍ତର୍ଭୁକ୍ତିକେ ଭାରତ୍‌ର କାଲଜୟୀ ଜ୍ଞାନ ଆଉ ସମୃଦ୍ଧ ସଂସ୍କୃତି ବିଶ୍ୱ ସ୍ତରୀୟ ସ୍ୱୀକୃତି ବଲି କହିଛନ୍ । ଗୀତା ଆଉ ନାଟ୍ୟଶାସ୍ତ୍ର ଦୁହିଟା ଯାକ ଶହଶହ ବଛର୍ ହେଲା ଭାରତୀୟ ସଭ୍ୟତା ଆଉ ଚେତନାକେ ବର୍‌କସ୍ କରି ଆସିଛେ ଆଉ ସାରା ପୃଥୀକେ ପ୍ରେରଣା ଦେଇଛେ ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମଦ୍ ଭଗବତ ଗୀତା ଆଉ ନାଟ୍ୟ ଶାସ୍ତ୍ର ବିଶ୍ୱ ଚିନ୍ତନ୍ କେ ପ୍ରେରଣା ଦେଇକରି ପ୍ରଭାବିତ ଆଉ ସମୃଦ୍ଧ୍ କରିଛେ ବଲି କହିଛନ୍ ।

ବିଶ୍ୱ ଐତିହ୍ୟ ଦିବସ

କଟକ ଡେକ୍ସ

ସାଂସ୍କୃତିକ୍ ଐତିହ୍ୟର୍ ବିବିଧତା ଉପ୍ରେ ଲୋକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଐତିହ୍ୟ ଦିବସ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସର ବାର୍ତା ରହିଛେ 'ବିପର୍ଯ୍ୟୟ ଆଉ ସଂଘର୍ଷ ଭିତ୍ରେ ବିପଦ୍‌ଥି ଥିବା ଐତିହ୍ୟ-ତୟାରି ଆଉ ମୁକାବିଲା' । ଅନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦ୍‌ର ପ୍ରସ୍ତାବ ଅନ୍‌ସାରେ ଆଜିର୍ ଦିନ୍‌କେ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଲନ୍ କର୍‌ବାର୍ ଲାଗି ୟୁନେସ୍କୋ ସାଧାରଣ ପରିଷଦ ୧୯୮୨ ମସିହା ଠାନୁ ନିଷ୍ପତି ନେଇଥିଲା । ଆଏଜ୍‌ତକ୍ ବିଶ୍ୱ ଐତିହ୍ୟ ତାଲିକାଥି ଭାରତର୍ ୪୩ଟା ଜାଗା ଠାନ୍ ପାଇଥିଲା ବେଲ୍‌କେ ୟୁନେସ୍କୋର୍ ଅସ୍ଥାୟୀ ତାଲିକାଥି ୬୨ଟା ଜାଗା ଠାନ୍ ପାଇଛେ ।

ଆଏଜ୍ ବିଶ୍ୱ ଐତିହ୍ୟ ଦିବସ ପାଲନ୍ ଅବସରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍‌ଆଇ ଦେଶର ସବୁ

ସଂରକ୍ଷିତ ସ୍ମାରକୀ ମାନ୍‌କେ ବୁଲ୍‌ବାର୍‌ଟା ମାହାଲିଆ ଘୋଷଣା କରିଛେ ।

କୋଣାର୍କ ସୂର୍ଯ୍ୟ ମନ୍ଦିର୍‌ନ ଆଏଜ୍ ପର୍ଯ୍ୟଟକଙ୍କର୍ ଲାଗି ଭିଲ୍ ଇ ସୁବିଧା ରହିଛେ । ଏଏସ୍‌ଆଇର୍ ଇ ପଦକ୍ଷେପ ପର୍ଯ୍ୟଟକ୍ ମାନ୍‌କୁ ଦେଶର୍ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ସୁଯୋଗ ଦେବା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଐତିହ୍ୟ ଦିବସ ଅବସରେ ଐତିହ୍ୟ ଆଉ ସ୍ମାରକୀ ସ୍ଥଲ୍ ମାନ୍‌କର୍ ସୁରକ୍ଷା ଆଉ ସଂରକ୍ଷଣ ଉପ୍‌ରେ ଧ୍ୟାନ ଦେବାର୍‌କେ ଆହ୍ୱାନ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଇ ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଆମର୍ ଐତିହ୍ୟ ଆମର୍ ଗୌରବ । ଐତିହ୍ୟର୍ ସୁରକ୍ଷା, ସଂରକ୍ଷଣ ଆଉ ପ୍ରଚାର ପ୍ରସାର ଲାଗି ଉପମୁଖ୍ୟମନ୍ତ୍ରୀ ସମ୍‌କୁ ପରାମର୍ଶ ଦେଇଛନ୍ ।

ମାଲେସିଆ ଗଲେ ଚାଷୀ ଭୁବନେଶ୍ୱର

ସମ୍ବାଦଦାତା

ଆଧୁନିକ ଉଦ୍ୟାନ କୃଷିର୍ ତରିକା, ଯନ୍ତ୍ରପାତିର୍ ବେଭାର୍ ଆଉ ଜଲବାୟୁ ଅନ୍‌ସାରେ ଚାଷବାସ୍ ବାବ୍‌ଦେ ଜାନ୍‌ବାର୍ ଲାଗି ରାଏଜର୍ ଭିନ୍‌ଭିନ୍ ଇଲାକାର୍ ୧୪ଝନ୍ ଚାଷୀ ଆଉ ୧୪ଝନ୍

ଅଧିକାରୀ ଆଏଜ୍ ମାଲେସିଆ ଯାଇଛନ୍ । ଭୁବନେଶ୍ୱର କୃଷକ ଭବନ ଠାନେ ହେଇଥିବାର୍ ଗୁଟେ କାର୍ଯ୍ୟକ୍ରମଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପତାକା ଦେଖେଇକରି ସେମାନ୍କର୍ ଯାତ୍ରା ଶୁଭାରମ୍ଭ କରିଥିଲେ । ଇ ଦଲ୍ ସେନ ୭ଦିନ ରହେବେ ବଲି ଜନାପଡିଛେ । ଇ ବାବ୍ଦେ ମାଲେସିଆ ଯାଇଥିବାର୍ ଝନେ ଚାଷୀ କହିଛନ୍..........
(ଭଏସ୍ ଓଭର-.........ଚାଷୀ)

ରଥଯାତ୍ରା ପ୍ରସ୍ତୁତି ଭୁବନେଶ୍ୱର

ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଶାନ୍ତିଶୃଙ୍ଖଲାର ସହେତେ ଆୟୋଜନ କର୍ବାର୍ ଲାଗି ଭୁବନେଶ୍ୱର ଲୋକସଭା ଭବନଠାନେ ଆଏଜ୍ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ ହେଇଯାଇଛେ । ରଥ୍ଯାତ୍ରା ପ୍ରସ୍ତୁତିଥି ଯେନ୍ତା କେନ୍ସି ପ୍ରକାର ଭୁଲ୍ ଭଟ୍କା ନାଇଁ ହଏ ସେଟାକେ ନଜର୍ ଥି ରଖିକରି କାମ୍କର୍ବାର୍କେ ମୁଖ୍ୟ ଶାସନ ସଚିବ, ପୁଲିସ ପ୍ରଶାସନ ଆଉ ଅଲ୍ଗା ବିଭାଗ ମାନ୍କୁ ଶ୍ରୀଆହୁଜା ନିର୍ଦ୍ଦେଶ ଦେଇଛନ୍ । ରଥ୍ଯାତ୍ରା ସମିଆଥି ଟ୍ରାଫିକ୍ ପରିଚାଳନାକେ ନଜର୍କେ ରଖିକରି ସିସିଟିଭି ଥାପ୍ନା, ଭିଡ୍କେ ଆଏତ୍

କର୍‌ବାର୍ ଲାଗି ଆବଶ୍ୟକ ସଂଖ୍ୟକ ପୁଲିସ ବ୍ୟବସ୍ଥା ଆଉ ସବୁ ବିଭାଗର ସେବାକେ ସମନ୍ୱିତ କର୍‌ବାର୍ ବାବ୍‌ଦେ ବୈଠକଥି ଆଲୋଚନା କରାଯାଇଥିଲା ।

ଜେଇଇ ପରୀକ୍ଷାଫଳ ଆର୍‌ଏନ୍‌ୟୁ ସମ୍ବଲପୁର

ନେସନାଲ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ପରିଚାଳିତ ଯୁଗ୍ମ ପ୍ରବେଶିକା ମୁଖ୍ୟ ପରୀକ୍ଷା ସିଜନ-୨ର ଫଳାଫଳ ଆଏବା କାଏଲ୍ ବାହାରିବା । ଏନ୍‌ଟିଏର୍ ୱେବସାଇଟ୍ ଜେଇଇ ମେନ୍. ଏନ୍‌ଟିଏ.ଏନ୍‌ଆଇସି. ଇନ୍ ଜରିଏ ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳାଫଳ ଜାନିପାର୍‌ବେ ।

ଗୁଡଫ୍ରାଇଡେ ଆର୍‌ଏନ୍‌ୟୁ ସମ୍ବଲପୁର

ପ୍ରଭୁ ଯୀଶୁଙ୍କର ବଲିଦାନ୍‌କେ ସୁର୍‌ତା କରିକରି ପୁର୍‌ଥିର୍ ଭିନ୍ ଭିନ୍ ଇଲାକାନ ଆଏଜ୍ ଗୁଡଫ୍ରାଇଡେ ପାଲନ୍ କରାଯାଉଛେ । ଇ ଦିନ୍ କେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭାଇ ବହେନ୍ ମାନେ ଆଏଜ୍ ଉଷତ୍ ଉଷ୍‌ନାକି ଥି ପାଲନ୍ କରୁଛନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୀଶୁଖ୍ରୀଷ୍ଟଙ୍କର ବଲିଦାନ କେ ଆଝିରର୍ ଦିନେ ସୁର୍‌ତା କରିଛନ୍ । ଆଝିରର୍ ଇ ପବିତ୍ର ଦିନ୍ ଦୟା, କରୁଣା ଆଉ ସବୁବେଲେ ଉଦାରବାଦୀ ହେବାର୍‌କେ

ତହଁକାସି ବଲି ପ୍ରଧାନମନ୍ତ୍ରୀ କହିଛନ୍ । ରାଜ୍ୟପାଲ ଡକ୍ଟର ହରିବାବୁକମ୍ଭମ୍ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଲ୍ ଇ ଅବ୍ସରେ ଶୁଭେଚ୍ଛା ବାର୍ତା ଦେଇଛନ୍ ।

ଇ ଅବ୍ସରେ ରାଏଜର୍ ଭିନ୍ଭିନ୍ ଜିଲ୍ଲାନ ଖାସ୍ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛେ ।

ଗୁଡ୍ ଫ୍ରାଇଡେ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲାର ଭିନ୍ ଭିନ୍ ଜାଗାନ ଆଏଜ୍ ଗୁଡ୍ ଫ୍ରାଇଡେ ପାଲିତ ହେଇଛେ । ଜିଲ୍ଲା ସଦର ସଦ୍ଭାବନା ଗୃହନ ଖ୍ରୀଷ୍ଟ ଧର୍ମାବଲମ୍ବି ମାନଙ୍କର ତରଫୁ ସମୂହ ପ୍ରାର୍ଥନା ଆଉ ବାଇବେଲ ପାଠ କରାଯାଇଛେ । ଜିଲ୍ଲାର ଉଲୁଣ୍ଡା ଆଉ ତରଭା ଇଲାକାର ଭିନ୍ ଭିନ୍ ଗାଁନ ରହୁଥିବାର ଖ୍ରୀଷ୍ଟ ଧର୍ମୀମାନେ ପ୍ରଭୁ ଯୀଶୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇକରି ସାରା ପୁର୍ଥିର ମଙ୍ଗଲ୍ କାମନା କରିଛନ୍ ।

ନିକୁଞ୍ଜବିହାରୀ ଧଳ ଭୁବନେଶ୍ୱର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀଙ୍କର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜବିହାରୀ ଧଳ କେନ୍ଦ୍ରୀୟ ଡେପୁଟେସନ୍ ଥି ଯିବେ । ୧୯୯୩ ବେଚ୍‌ର

ପ୍ରଶାସନିକ ଅଧିକାରୀ ଶ୍ରୀ ଧଳଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଭାବେ ନିଯୁକ୍ତି ମିଳିଛେ । ଇ ବାବ୍‌ଦେ ଆଏଜ୍ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ତରଫୁ ବିଜ୍ଞପ୍ତି ବାହାରିଛେ । ସେଆଡେ ଆଘୋନୁ କେନ୍ଦ୍ରୀୟ ଡେପୁଟେସନନ ଥିବା ୧୯୯୪ ବେଚ୍ ପ୍ରଶାସନିକ ଅଧିକାରୀ ସନ୍ତୋଷ ଷଡଙ୍ଗିଙ୍କୁ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ସଚିବ ଭାବେ ନିଯୁକ୍ତି ମିଳିଛେ । ଇତାର ସହେତେ ସଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛେ ।

ସାତକୋଶିଆନ ଛଡାଗଲା ମଗର୍ ବୌଦ୍ଧ ସମ୍ବାଦଦାତା

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନଥି ଥିବା କୁସଙ୍ଗ ବନ୍ୟପ୍ରାଣୀ ରେଞ୍ଜର ସୁନାଖଣିଆ ଠାନେ ସାତକୋଶିଆ ଗଣ୍ଡନ ସାତଟା ଘଡିଆଲ୍ ମଗର୍ ଛଡାଯାଇଛେ । ସେଥିର୍ ଭିତ୍‌ରୁ ୫ଟାକେ ନନ୍ଦନ୍‌କାନନ୍ ପ୍ରାଣୀ ଉଦ୍ୟାନ୍ ନୁ ଅନାଯାଇଥିଲା ବେଲ୍‌କେ ଆଉ ଦୁଇଟା କେ ଅନୁଗୁଳ ଜିଲ୍ଲା ଟିକରପଡାଠାନେ ଥିବା ଘଡିଆଲ୍ ସଂରକ୍ଷଣ ପ୍ରକଳ୍ପନୁ ଅନାଯାଇଛେ । ପ୍ରାକୃତିକ୍ ପରିବେଶ ଭିତ୍‌ରେ ସେମାନ୍‌କର୍ ଗରିବିଧିକେ ତଦାରଖ କର୍‌ବାର୍ ଲାଗି ମଗର୍ ମାନଙ୍କର୍ ଲେଞ୍ଜେ ଟ୍ରାନ୍ସମିଟର ଖଞ୍ଜାଯାଇଛେ । ମଗର୍‌ମାନ୍‌କୁ

ମହାନଦୀନେ ଛାଡ୍‌ଲା ବେଲ୍‌କେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା, ଅନୁଗୁଲ୍ ଆର୍‌ସିଏଫ୍ ସୁଧାଂଶୁ ଶେଖର ଖୁରା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଡକ୍ଟର ମନୋଜ ଭି ନାୟାରଙ୍କ ସହେତେ ଭିନ୍‌ଭିନ୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଚଡକ୍ ମରା ସଚେତନତା ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ କାର୍ଯ୍ୟାଳୟନ ଆଏଜ୍ ଚଡକ୍ ମାର୍‌ଲା ସମିୟା ଥି ସତର୍କ ରହେବାର୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ ହେଇଛେ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ବୈଠକଥି ଲୁକ୍‌କୁ ଚଡକ୍ ମରାନୁ ବଂଚ୍‌ବାର୍ ଉପେ ଆଉ ସତର୍କତା ବାବ୍‌ଦେ ସଚେତନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଆଉ ଭିନ୍‌ଭିନ୍ ବିଭାଗର ଅଧିକାରୀମାନେ ଯୋଗଦେଇକରି ଚଡକ୍ ମରା ସଚେତନତା ଉପ୍‌ରେ କାର୍ଯ୍ୟଖସଡା ତିଆର୍ କରିଥିଲେ ।

ପ୍ରେରଣା ଦାୟୀ ବକ୍ତୃତା ମାଳା କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟନା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆଗର୍ କୂଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କର୍ ସ୍ମୃତିଥି ପହେଲା ପ୍ରେରଣା ଦାୟୀ ବକ୍ତୃତା ମାଳା ଲୋକାର୍ପିତ ହେଇଯାଇଛେ । ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୂଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱଥି ହେଇଥିବା ବକ୍ତୃତା ମାଳାଥି ଅତିଥିମାନେ ଯୋଗ ଦେଇକରି ପ୍ରଫେସର ଶତପଥିଙ୍କର ଜୀବନି ଆଉ ଉଚ୍ଚଶିକ୍ଷା ଦିଗେ ବିଶ୍ୱବିଦ୍ୟାଳୟ ଲାଗି ତାକର ଅବଦାନ କେତ୍‌ନିକେତେ ବଲି କହିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ କ୍ଷେତ୍ରଥି ସଫଲ୍‌ତା ହାସଲ କରିଥିବା ଛାତ୍ରଛାତ୍ରୀମାନ୍‌କୁ ସମ୍ମାନିତ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ କାଲବୈଶାଖୀ ପ୍ରଭାବଥି ଭୁବନେଶ୍ୱର କଟକ ସହେତେ ଭିନ୍‌ଭିନ୍ ଜାଗାନ ବର୍ଷା ହେଇଯାଇଛେ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନୁସାରେ ଆଏବା ୨୪ ଘଂଟା ତକ୍ କାଲବୈଶାଖୀର ପ୍ରଭାବ ଲାଗି ରହେବା । ମୟୁରଭଞ୍ଜ, ବାଲେଶ୍ୱର ଆଉ ଭଦ୍ରକନ ଜବର୍ ବର୍ଷା ହେବା ବଲି ପାଣିପାଗ ବିଭାଗନୁ ସତର୍କ ସୂଚନା ଜାରି କରାଯାଇଛେ । ସେଆଡେ ବିଜ୍‌ଲି ଆଉ ଘଡଘଡି ସାଂଗେ ବର୍ଷା ନେଇକରି ଯାଜପୁର, କେନ୍ଦ୍ରାପଡା, କଟକ,

ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମାଲକାନଗିରି ଜିଲ୍ଲାକେ ସତର୍କ ସୂଚନା ଜାରି କରାଯାଇଛେ ।